ଶନିବାର, ୧୩ ସେପ୍ଟେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ



# ଖିଁ୍ଲ ଖିଁ୍ଲ ହସ

ଶାଶୁ: ବୋହୂ ମୁଣ୍ଡ ବିନ୍ଧା ହେଉଛି ଟିକେ ଚିପିଦେଲୁ।
ବୋହୂ: ହଉ ମା’ (ମୁଣ୍ଡ ଚିପିବା ପରେ), ଏବେ ଟିକେ ଆରାମ ଲାଗୁଛି ?
ଶାଶୁ: ନା ବୋହୂ, ଚା ଟିକେ କରି ନେଇଆ, ଭଲ ଲାଗିବ ।
ବୋହୂ: ହଉ ମା’ ଯାଉଛି (ରୋଷେଇ ଘରେ ପଶି କହିଲା) ମା’ କ’ଣ ସ୍ମେଲ ଆସୁଛି ?
ଶାଶୁ: ଆରେ ଗ୍ୟାସ୍ ଗନ୍ଧ ହେଉଛି, ଜଲ୍‌ଦି ଗ୍ୟାସ୍ ରେଗୁଲେଟର ବନ୍ଦ କରିବାକୁ ଯାଉଥିଲି ତ କରେଣ୍ଟ ପଳାଇଲା।
ଶାଶୁ କହିଲେ ବୋହୂ ଜଲ୍‌ଦି ଟର୍ଚ୍ଚ କି ମୋବାଇଲ ଟର୍ଚ୍ଚ ମାରେ।
ବୋହୂ: କିଛି ପାଉନି, ଦିଆସିଲି ପାଇଲି, ତାକୁ ମାରି ଦେଖୁଛି ।

ଜଣେ ମହିଳା ଡାକ୍ତରଖାନାକୁ ଗଲେ। ସେଠାରେ ଡାକ୍ତରଙ୍କୁ କହିଲେ- ଡାକ୍ତରବାବୁ ମୋର ଓଜନ କିପରି କମିବ।
ଡାକ୍ତରବାବୁ: ନିଜ ବେକକୁ ଡାହାଣ ବାମ କରିବ (ମନା କରିବା)।
ମହିଳା: କେଉଁ ସମୟରେ ?
ଡାକ୍ତର: ଯେତେବେଳେ କିଏ ଖାଇବାକୁ କହିବେ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,


## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ସହନଶୀଳତା

ଗପ



ଚିନୁ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢ଼େ। ସେ ଶ୍ରେଣୀରେ ଭଲ ପଢୁଥିବାରୁ ଶିକ୍ଷକମାନେ ତାକୁ ଭାରି ଆଦର କରନ୍ତି। ସ୍କୁଲରେ ସମସ୍ତଙ୍କ ସହିତ ତା’ର ଉତ୍ତମ ସମ୍ପର୍କ। ବେଳେବେଳେ ସାଙ୍ଗମାନଙ୍କ ସହିତ ଦୁଷ୍ଟାମୀ କରେ ଓ ମନକୁ ଯାହା ଆସେ ତାହା କରିପକାଏ, ଯେତେ ବୁଝାଇଲେ ମଧ୍ୟ ସେ କାହା କଥା ଶୁଣେ ନାହିଁ। ସବୁଦିନ ସ୍କୁଲରୁ ଘରକୁ ଫେରିବା ବାଟରେ ଜଣେ ସାଧୁଙ୍କୁ ଗୋଟେ ଆମ୍ବଗଛ ମୂଳେ ବସିଥିବାର ଦେଖେ। ଖରାଦିନ ହୋଇଥିବାରୁ ପାଚିଲା ଆମ୍ବଟିଏ ଗଛରୁ ପଡ଼ିଲେ ସେ ସାଧୁଜଣକ ମନଖୁସିରେ ନେଇ ତାକୁ ଖାଇଦିଅନ୍ତି। ଚିନୁ ଏ ସବୁ ଦେଖି ତା’ ମନରେ ଈର୍ଷା ଜାତ ହେଲା ଭାବିଲା ବିନା କାରଣରେ ଖାଲି ବସି ଆମ୍ବ ନେଇ ଖାଇ ଦେଉଛନ୍ତି ବୋଲି। ସେ ମନରେ ଚିନ୍ତା କଲା ସାଙ୍ଗମାନଙ୍କୁ ନେଇ ରବିବାର ଦିନ ଗଛରୁ ସବୁ ଆମ୍ବ ଝଡ଼ାଇ ଖାଇ ଦେଲେ ଆଉ ଥିବ ଯେ ସାଧୁ ଖାଇବେ। ରବିବାର ଛୁଟି ଦିନରେ ସାଙ୍ଗମାନଙ୍କୁ ନେଇ ଆମ୍ବଗଛ ମୂଳରେ ପହଞ୍ଚି ଗଲା। ଆଗଭଳି ସାଧୁ ଜଣକ ସେଠାରେ ବସି ରହିଥିଲେ। ସେମାନେ କିଛି ନ କହି ହାତରେ ଧରିଥିବା ଟେକା ଆମ୍ବ ଗଛକୁ ଛାଡିବା ପାଇଁ ପ୍ରସ୍ତୁତ ହେଲା ବେଳେ ସାଧୁ ଏପରି କରିବାକୁ ମନା କଲେ। ସେମାନଙ୍କ ଭିତରୁ ଚିନୁ ସାଧୁ ଜଣଙ୍କୁ କୌଣସି ଅସୁବିଧା ଅଛି କି ରାଗି କରି ପଚାରିଲା। ସାଧୁ ନମ୍ର ହୋଇ ସମସ୍ତ କଥା ଶୁଣି ସାରିବା ପରେ ତୁମମାନଙ୍କର ଯାହା ଇଚ୍ଛା ହେବ ତାହା କରିବ ବୋଲି କହିଲେ। ସମସ୍ତେ ଭାବିଲେ ଶୁଣି ସାରିବା ପରେ ଆମ୍ବକୁ ଟେକା ପକାଇବା। ସାଧୁ ଜଣକ ସମସ୍ତଙ୍କ ମୁହଁକୁ ଚାହିଁ କହିଲେ ମଣିଷ ତା’ ଜୀବନରେ ପଶୁ ପକ୍ଷୀଠାରୁ ଆରମ୍ଭ କରି ଗଛ ଲତା ଯାଏ ସମସ୍ତଙ୍କ ପାଖରୁ ଅନେକ କିଛି ଶିକ୍ଷା ଲାଭ କରିଥାଏ। ମଣିଷକୁ ସହନଶୀଳତାର ଗୁଣ ଗଛଠାରୁ ବେଶି ଶିଖିବାକୁ ମିଳିଥାଏ।

ଲୋକଙ୍କ ପାଇଁ ଆମ୍ବ ଗଛରେ ଅନେକ ଆମ୍ବ ଭରି ରହିଛି, ସେ କିନ୍ତୁ କେବେ ମନଦୁଃଖ କରେନି ଯେ ବୋଝ ଉଠାଇ ତାକୁ କଷ୍ଟ ହେଉଛି ବୋଲି। ଖରା ବର୍ଷା ଶୀତ କାକର ଆସିଲେ ବି ସେପରି ହସି ଦୁନିଆର ଉପକାର କରିଥାଏ। ତେଣୁ ଜୀବନରେ ବିନା କାରଣରେ ନିଜର ରାଗ କାହା ଉପରେ ନ ଶୁଝାଇ ତା’ଠାରୁ ଭଲ ଗୁଣ ଗ୍ରହଣ କଲେ ଦିନେ ନା ଦିନେ ଉତ୍ତମ ଚରିତ୍ରର ମଣିଷ ହୋଇ ପାରିବ ଓ ସମାଜର ମଙ୍ଗଳ ହେବ। ଚିନୁ ଆଉ ତା’ ସାଙ୍ଗମାନେ ନିଜର ଭୁଲ୍ ବୁଝି ପାରିଲେ। ଭବିଷ୍ୟତରେ କେବେ ଏପରି ଭୁଲ୍ କରିବେ ନାହିଁ ବୋଲି ଶପଥ କରି ସାଧୁଙ୍କଠାରୁ ବିଦାୟ ନେଇ ଘରକୁ ଫେରି ଆସିଥିଲେ।

**- ସତ୍ୟନାରାୟଣ ପ୍ରଧାନ**
ଅଣ୍ଡିଆ, ଜେନାପୁର, ଯାଜପୁର
ମୋ: ୯୧୭୮୩୧୩୬୪

# ତ୍ରିକଟୁ ଚୂର୍ଣ୍ଣ

ଆୟୁର୍ବେଦରେ ସୁଣ୍ଠି, ଗୋଲମରିଚ ଓ ପିପ୍ପଳିକୁ ଏକତ୍ର ଗୁଣ୍ଡ କରି ବିଭିନ୍ନ ଭାବରେ ବ୍ୟବହାର କରିହୁଏ। ଏହାକୁ ତ୍ରିକଟୁ ଚୂର୍ଣ୍ଣ କୁହାଯାଏ।

❖ଅନେକ ସମୟରେ କେତେକଙ୍କୁ ଢେର ଦିନ ଧରି କାଶ ଲାଗି ରହିଥାଏ। ଏଥିପାଇଁ ବହୁ ଔଷଧ ଓ ଆଣ୍ଟିବାୟୋଟିକ୍ ନେବାକୁ ପଡିଥାଏ। ତେବେ କାଶ ପାଇଁ ଆଣ୍ଟି ବାୟୋଟିକ୍ ନେବା ଫଳରେ ଶରୀରର ଅନ୍ୟ ଅଙ୍ଗ ଉପରେ କୁପ୍ରଭାବ ପଡିଥାଏ। ତେଣୁ ପ୍ରାକୃତିକ ଉପାୟରେ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ତ୍ରିକଟୁ ଚୂର୍ଣ୍ଣ ଖାଆନ୍ତୁ।

❖ ଅନେକଗୁଡିଏ ସମସ୍ୟାର ସରଳ ସମାଧାନ ହେଉଛି ଏହି ଚୂର୍ଣ୍ଣ। ଏଥିପାଇଁ ସୁଣ୍ଠି, ଗୋଲମରିଚ, ପିପ୍ପଳି ନିଅନ୍ତୁ। ଏସବୁକୁ ସମାନ ମାତ୍ରାରେ ନେଇ ଗୁଣ୍ଡ କରି ଏକ ଡବାରେ ରଖି ଦିଅନ୍ତୁ। ଏହି ଗୁଣ୍ଡରୁ ଅଧାଗ୍ରାମ୍ ନେଇ ସେଥିରେ ୧ ଚାମଚ ମହୁ ମିଶାଇ ଖାଆନ୍ତୁ। ଦିନକୁ ଦୁଇଥର ଏପରି କରନ୍ତୁ। କିଛି ଦିନ ପରେ କାଶ ଭଲ ହୋଇଯିବ ଓ ଛାତିରେ ଜମିଥିବା କଫ ମଧ୍ୟ ରହିବ ନାହିଁ।

❖ଏହାକୁ ପ୍ରତିଦିନ ଖାଇଲେ ଗ୍ୟାସ ସମସ୍ୟା ଭଲ ହୋଇଥାଏ ଓ ହଜମ ଶକ୍ତି ବୃଦ୍ଧି ପାଇଥାଏ।

❖ନିୟମିତ ଏହାକୁ ସେବନ କଲେ ଧୀରେ ଧୀରେ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ ବୃଦ୍ଧି ପାଇଥାଏ।

❖ଥଣ୍ଡା କାଶ କଫ ଆଦି ଦୂର କରିବା ଫଳରେ ଆଜ୍‌ମା ରୋଗକୁ ମଧ୍ୟ ଏହି ଚୂର୍ଣ୍ଣ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥାଏ।

❖ ମେଦବହୁଳତାକୁ ନିୟନ୍ତ୍ରଣ



କରିବାରେ ବି ଏହା ଅନେକ ମାତ୍ରାରେ ଫଳପ୍ରଦ ହୋଇଥାଏ। କାରଣ ଖରାପ ଖାଦ୍ୟଶୈଳୀ କାରଣରୁ ଅନେକ ସମୟରେ ମେଦ ବହୁଳତା ହୋଇଥାଏ। ତ୍ରିକଟୁ ଚୂର୍ଣ୍ଣ ଅତ୍ୟଧିକ ମେଦ ବୃଦ୍ଧିକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥାଏ। ନିୟମିତ ଏହାକୁ ଅଧା ଛୋଟ ଚାମଚ ଉଷୁମ ପାଣିରେ ପିଅନ୍ତୁ।

# ମତାମତ

▶▶ ଶ୍ରେଷ୍ଠ ମାର୍ଗ ଗଳ୍ପଟି ଶିକ୍ଷଣୀୟ ହେବା ସହିତ କିପରି ଭଲ ରାସ୍ତାରେ ଗଲେ ତୁମେ ନିଶ୍ଚୟ ଗନ୍ତବ୍ୟ ପଥରେ ପହଞ୍ଚି ପାରିବ ଏଥିରୁ ଜାଣି ହେଲା।

**-ତନ୍ମୟ ରଥ, ରାଉରକେଲା**


▶▶ ଟକ୍ସିକ୍ ଫ୍ରେଣ୍ଡ ପାଠଟିରୁ ଜାଣିହେଲା ଯେ ପ୍ରତ୍ୟେକ ସାଙ୍ଗ ତୁମର ଭଲ ସାଙ୍ଗ ହୋଇ ନ ଥାନ୍ତି ଏବଂ ଆଉ କେତେକ ଥାନ୍ତି ଯିଏକି ତୁମ ସାମ୍ନାରେ ଗୋଟିଏ କଥା କହୁଥିବା ବେଳେ ଭିତରେ ତୁମର ଖରାପ ଚିନ୍ତା କରିଥାନ୍ତି।

**-ବିକାଶ ରଞ୍ଜନ ମହାନ୍ତି, କୋରାପୁଟ**

▶▶ କହିଲ ଦେଖିରେ ପ୍ରକାଶିତ ପହେଳିଗୁଡିକ ପଢ଼ିବାକୁ ଭଲ ଲାଗେ।

**-ବିଶ୍ୱଜିତ୍ ଦାସ, ଖଣ୍ଡଗିରି,ଭୁବନେଶ୍ୱର**

# ରଙ୍ଗ ଦିଅ





ପାଠ ପଢ଼ା ସମୟରେ କେତେକ ପିଲା ଚାପଗ୍ରସ୍ତ ହୋଇଥାଆନ୍ତି। ହେଲେ ଏହାକୁ ଏକ ବୋଝ ନ ଭାବି ଯଦି ସେମାନେ ରୁଟିନ୍ ମୁତାବକ ସ୍ଥିର ମନରେ ପାଠ ପଢ଼ିବେ ତେବେ ଏଭଳି ସମସ୍ୟା ଦେଖାଯିବାର ଆଶଙ୍କା କମ୍ ରହିଛି । ପାଠପଢ଼ା ଚାପକୁ କିପରି ଦୂର କରିବେ ସେ ବିଷୟରେ ଟିପ୍ସ....

# ପାଠପଢ଼ା ପ୍ରେସର

ପାଠପଢ଼ାକୁ ସୁରୁଖୁରୁରେ ଆଗେଇନେବା ପାଇଁ ଭଲ ଭାବରେ ପ୍ରସ୍ତୁତ ହେବା ଦରକାର। ପ୍ରଥମେ ଏଥିଲାଗି ମନକୁ ସ୍ଥିର ରଖିବା ଆବଶ୍ୟକ। ତା'ସହ କେଉଁ ପାଠ କେତେବେଳେ ପଢ଼ିବେ ଏବଂ ସେଥିପାଇଁ କେତେ ସମୟ ଦେବେ ତାହାର ଏକ ରୁଟିନ୍ ପ୍ରସ୍ତୁତ କରିବା ଜରୁରୀ। ଏହାଫଳରେ ଜଣେ ଠିକ୍ ଭାବରେ ପାଠ ପଢ଼ିପାରିବ। ହେଲେ ଆଜିକାଲି ପାଠ କେତେଜଣ ପିଲାଙ୍କ ପାଇଁ ବୋଝ ସଦୃଶ ହୋଇଯାଇଛି। ପାଠପଢ଼ାକୁ ନେଇ ସେମାନେ ଟେନ୍ସନରେ ରହୁଛନ୍ତି। ପ୍ରତିଦିନ ସ୍କୁଲ ଯିବା, ସ୍କୁଲ ହୋମ୍‌ୱର୍କକୁ ଠିକ୍ ଭାବରେ ଶେଷକରିବା ସହ ପରୀକ୍ଷା ଲାଗି ପ୍ରସ୍ତୁତ ହେବାକୁ ପଡ଼ିଥାଏ। ଫଳରେ ଏଥିଲାଗି ସେମାନେ ଅଧିକ ଚାପର ଶିକାର ହେବା ସହ ଚିନ୍ତାଗ୍ରସ୍ତ ରହିଥାନ୍ତି। ଖାସ୍ ଏହି କାରଣରୁ ତାଙ୍କର ଠିକ୍ ଭାବେ ନିଦ ହୁଏନି, ଭୋକ ଲାଗେନି, ଶାରୀରିକ ଏବଂ ମାନସିକ ସ୍ତରରେ ସେମାନେ ନିଜକୁ ଦୁର୍ବଳ ଅନୁଭବ କରିଥାନ୍ତି। ଏହାଦ୍ୱାରା ତାଙ୍କ ପ୍ରଦର୍ଶନ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ।

## ସମୟର ଉପଯୋଗ

ପିଲାମାନେ ପାଠ ପଢ଼ିବା ସମୟରେ ସମୟ ପ୍ରତି ସଚେତନହେବା ନିହାତି ଦରକାର। କାରଣ ଏକ ସୀମିତ ସମୟ ଭିତରେ ସେମାନଙ୍କୁ ଭିନ୍ନ ଭିନ୍ନ ବିଷୟ ପଢ଼ିବାକୁ ପଡ଼େ। ତେଣୁ ଏ ନେଇ ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ପାଠ ପଢ଼ିବା ବେଳେ ଯଦି ନିର୍ଦ୍ଧାରିତ ସମୟର ଠିକ୍ ଭାବରେ ଉପଯୋଗ କରି ନ ପାରିଲେ ତେବେ ପାଠକୁ ନେଇ ଚାପଗ୍ରସ୍ତ ହେବା ସ୍ୱାଭାବିକ। ତେଣୁ ଏଭଳି ସମସ୍ୟାରୁ ଦୂରେଇରହିବା ଲାଗି ସମୟ ପ୍ରତି ଯତ୍ନବାନ୍ ହୁଅନ୍ତୁ।

## ଚିନ୍ତା

ପାଠପଢ଼ାକୁ ନେଇ ପିଲାମାନେ ଅନେକ ସମୟରେ ଚିନ୍ତାଗ୍ରସ୍ତ ହୁଅନ୍ତି। ଏତେଗୁଡ଼ାଏ ପାଠ, କେମିତି ପଢ଼ିବି-ଏମିତି ଭାବୁ ଭାବୁ ସମୟ ଚାଲିଯାଏ। ତେଣୁ ଠିକ୍ ଭାବରେ ପାଠ ପଢ଼ିବା ପାଇଁ ନିଜକୁ ପ୍ରଥମେ ଚିନ୍ତାମୁକ୍ତ କରନ୍ତୁ। କିପରି ପାଠ ପଢ଼ିବେ ସେ ବିଷୟରେ ପ୍ରଥମେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ପାଠ ପଢ଼ିବା ପାଇଁ ନିର୍ଦ୍ଧାରଣ କରିଥିବା ସମୟକୁ ଅଯଥା ନଷ୍ଟ କରନ୍ତୁ ନାହିଁ। ନ ହେଲେ ହାତରେ ସମୟ ନ ଥିବ ସେପଟେ ଗୁଡ଼ାଏ ପାଠ ସୀମିତ ସମୟ ଭିତରେ ପଢ଼ିବାକୁ ପଡ଼ିବ। ତେଣୁ ହାଲ୍‌କା ତଥା ଶାନ୍ତ ମନରେ ପାଠପଢ଼ନ୍ତୁ।

## ଖେଳକୁଦ

ପାଠ ପଢ଼ିବା ସମୟରେ ମନ ହାଲୁକା ରହିବା ଦରକାର। ତେଣୁ ମନକୁ ଫ୍ରି ରଖିବା ପାଇଁ କିଛି ସମୟ ଖେଳନ୍ତୁ। ମନ ଭିତରୁ ଏଣ୍ଡେତେଣ୍ଡେ ଭାବନା ଦୂର ହୋଇଗଲେ ପାଠ ପଢ଼ିବା ସହଜ ହୋଇଥାଏ। ତେଣୁ ପ୍ରତିଦିନ କିଛି ସମୟ ଖେଳନ୍ତୁ, ଯାହାଦ୍ୱାରା ମନ ପ୍ରଫୁଲ୍ଲ ରହିବ। ପାଠ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି ହେବ। ଖେଳକୁଦ ଦ୍ୱାରା ପିଲାମାନଙ୍କୁ ଶାରୀରିକ ଉପକାର ମିଳିଥାଏ। ତା' ସହ ମନ ସବୁବେଳେ ଚିନ୍ତାମୁକ୍ତ ରହେ। ଏହାଦ୍ୱାରା ଜଣେ ପିଲା ଠିକ୍ ଭାବରେ ପାଠ ପଢ଼ିପାରିବ।

## ସକାରାତ୍ମକ ଚିନ୍ତାଧାରା

ପିଲାମାନେ ସକାରାତ୍ମକ ଚିନ୍ତାଧାରାକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଏହା ପାଠପଢ଼ାକୁ ଅନେକାଂଶରେ ସାହାଯ୍ୟ କରିଥାଏ। କାରଣ ଚିନ୍ତାଧାରା ଯଦି ସକାରାତ୍ମକ ରହିଲା ତେବେ ପିଲାମାନଙ୍କ ମନ ଖୁସି ରହିଥାଏ। ସେମାନେ ବେଶ୍ ଆରାମରେ ଅଧିକ ସମୟ ପାଠ ପଢ଼ିପାରନ୍ତି। ଏହାଦ୍ୱାରା ମଧ୍ୟ ନିଜ ଲକ୍ଷ୍ୟ ହାସଲ କରିବାକୁ ପ୍ରେରଣା ମିଳିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ପିଲାମାନେ ନିଜ ଭିତରେ ଥିବା ବିଭିନ୍ନ ପ୍ରତିଭା ଠିକ୍ ଭାବରେ ପ୍ରଦର୍ଶନ କରିପାରନ୍ତି। ନିଜର ମନୋଭାବକୁ ସକାରାତ୍ମକ ରଖିବାକୁ ପିଲାମାନେ ପ୍ରଥମେ ନିଜକୁ ଟେନ୍ସନଠାରୁ ଦୂରେଇ ରଖନ୍ତୁ। ଭଲ ସାଙ୍ଗଙ୍କ ସହ ମିଶନ୍ତୁ। ସେମାନଙ୍କଠୁ ଭଲ କଥା ଶିଖନ୍ତୁ।

## ସହଯୋଗ

ପିଲାଟିଏ ଭଲ ପାଠ ପଢ଼ିବାକୁ ଆଉ ଏହି ସମୟରେ ନିଜକୁ ଚାପମୁକ୍ତ ରଖିବାକୁ ଅଭିଭାବକ ଏବଂ ଶିକ୍ଷକଙ୍କ ସମର୍ଥନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହାଦ୍ୱାରା ସେ ପାଠପଢ଼ାରେ ଭଲ ପ୍ରଦର୍ଶନ କରିପାରିବ। ପାଠ ପଢ଼ିବା ସମୟରେ ଯଦି କେହି କିଛି ଟିପ୍ସ ଦେଉଛନ୍ତି ତାହାକୁ ଭଲ ଭାବରେ ଚର୍ଚ୍ଚା କରନ୍ତୁ। କିପରି ଠିକ୍ ଭାବରେ ପଢ଼ିପାରିବେ ସେ ନେଇ ସ୍କୁଲର ଶିକ୍ଷକଙ୍କ ସହ ଆଲୋଚନା କରିପାରନ୍ତି। ଘରେ ଯଦି ପାଠପଢ଼ାକୁ ନେଇ କେହି କିଛି କହୁଛନ୍ତି ତାହାକୁ ନେଇ ଟେନ୍ସନ ହୁଅନ୍ତୁ ନାହିଁ। କାରଣ ପ୍ରତ୍ୟେକ ମା'ବାପା ଚାହାନ୍ତି, ସେମାନଙ୍କର ପିଲା କିପରି ଭଲ ପାଠ ପଢୁ ଆଉ ନିଜର ଏକ ଉତ୍ତମ ଭବିଷ୍ୟତ ଗଠନ କରନ୍ତୁ। ତେଣୁ ଏହି ସମୟରେ ମିଳୁଥିବା ସହଯୋଗକୁ ସଠିକ ଭାବେ ଉପଯୋଗ କରନ୍ତୁ।



## ଏମାନେ କ'ଣ କରନ୍ତି..

### ମନକୁ ସ୍ଥିର ରଖେ



ପାଠ ପଢ଼ିବା ସମୟରେ ମୁଁ ଯେଉଁ କଥାକୁ ସବୁବେଳେ ପ୍ରାଥମିକତା ଦିଏ ତାହା ହେଲା ସ୍ଥିର ମନ। କାରଣ ମନ ଯଦି ଏପଟ ସେପଟ ହେଲା ତେବେ ସହଜରେ ପାଠ ପଢ଼ିହୁଏ ନାହିଁ। ତେଣୁ ମୁଁ ସବୁବେଳେ ପାଠ ପଢ଼ିବା ପୂର୍ବରୁ ମନକୁ ହାଲୁକା ରଖେ। ପାଠ କିପରି ମନ ରହିବ ସେ ନେଇ ନିଜକୁ ପ୍ରସ୍ତୁତ କରିନିଏ। ପ୍ରତିଦିନ କେଉଁ ବିଷୟ ପଢ଼ିବି ତାହା ପ୍ରଥମେ ସ୍ଥିର କରିଥାଏ। ତା'ପରେ ସମୟ ନିର୍ଘଣ୍ଟ ଅନୁସାରେ ଘରେ ପାଠ ପଢ଼େ। ପାଠ ପଢ଼ିବା ସମୟରେ ଅନ୍ୟ କୌଣସି କଥା ମନକୁ ଆଣେନା। ଯେତିକି ସମୟ ପାଠ ପଢ଼େ ସେତିକି ସମୟ ମନକୁ ସ୍ଥିର ରଖିଥାଏ।

**-ମହେଶ ପ୍ରସାଦ କର,** କ୍ଲାସ୍-୯, ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟ, ବ୍ରହ୍ମଗିରି, ପୁରୀ

### ଚାପର ବଶବର୍ତ୍ତୀ ହୁଏନା




ପାଠପଢ଼ାରେ ଚାପ ରହିବା ସ୍ୱାଭାବିକ। ହେଲେ ତାହାର ବଶବର୍ତ୍ତୀ ହେଲେ ପାଠପଢ଼ା ପ୍ରଭାବିତ ହୋଇଥାଏ। ତେଣୁ ପାଠ ପଢ଼ିବା ବେଳେ ମୁଁ ନିଜକୁ ଯେତେ ସମ୍ଭବ ଚାପଠାରୁ ଦୂରେଇ ରଖିବାକୁ ଚେଷ୍ଟାକରେ। ପ୍ରତିଦିନ ସ୍କୁଲ ହୋମ୍‌ୱର୍କ ସାରିଦିଏ। ତା'ସହ ଯାହା ସ୍କୁଲରେ ପଢ଼ା ହୁଏ ତାହାକୁ ଭଲ ଭାବରେ ରିଭିଜନ କରିଥାଏ। ତେଣୁ ପାଠ ମୋତେ କେବେ ବୋଝ ପରି ଲାଗେନା। ପାଠ ପଢ଼ିବା ସମୟରେ ଚାପଠାରୁ ନିଜକୁ ଦୂରେଇ ରଖୁଥିବାରୁ ସେତେବେଳେ ମୋତେ କୌଣସି ଅସୁବିଧା ହୋଇ ନ ଥାଏ।


**-ରୁଦ୍ରନାରାୟଣ ସାହୁ,** କ୍ଲାସ୍-୭, ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର



୧




୨



୩



୪




୫



୬



୭



୮



୧

ଦମୟନ୍ତୀ ଟୁଡୁ
କ୍ଲାସ- ୪,
ସରକାରୀ ଉଚ୍ଚ
ବିଦ୍ୟାଳୟ,
ଅଦାପାଳ



୨

ସ୍ୱୟାଂଶିଷ ଶତପଥୀ
କ୍ଲାସ- ୬,
ଡିଏଭି ପବ୍ଲିକ ସ୍କୁଲ,
କଳିଙ୍ଗ ନଗର,
ଭୁବନେଶ୍ୱର



୩

ମେଘା ଟୁଡୁ
କ୍ଲାସ-୯, ଓଡିଶା
ଆଦର୍ଶ ବିଦ୍ୟାଳୟ,
ଟିଟିଆ, ଗୋପବନ୍ଧୁ
ନଗର, ମୟୂରଭଞ୍ଜ



୪

ରଦ୍ରାନ୍ୟ ଦଳାଇ
କ୍ଲାସ-୪, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
ନୂଆବଜାର,
କଟକ



୫

ସ୍ୱତନ୍ତ୍ର ରାଉତରାୟ
କ୍ଲାସ- ୨, ଭେଙ୍କଟେଶ୍ୱର
ଇଂଲିଶ ମିଡିୟମ
ସ୍କୁଲ, ରସୁଲଗଡ,
ଭୁବନେଶ୍ୱର



୬

ଦ୍ୱିଜେଶ
ଦୌଶିକ ଦାଶ
କ୍ଲାସ- ୫, କେନ୍ଦ୍ରୀୟ
ବିଦ୍ୟାଳୟ ନଂ-୧,
ଭୁବନେଶ୍ୱର



୭

ଅମାୟରା ପଣ୍ଡା
କ୍ଲାସ- ୧, ଡିଏଭି
ପବ୍ଲିକ ସ୍କୁଲ,
ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର



୮

ପ୍ରୀତିରାଜ ଦାସ
କ୍ଲାସ-୫, ସେଣ୍ଟ
ଜାଭିୟର୍ସ
ହାଇସ୍କୁଲ,
ନୂଆବଜାର, କଟକ



## ଦୁତିଆ ଓଷାଟି ସାର

ଓଡ଼ିଆ ଘରର ଓଷା ବ୍ରତ ମଧ୍ୟେ
ଦୁତିଆ ଓଷାଟି ସାର
ଏହି ଓଷା ପାଇଁ ସଭିଙ୍କ ଘରକୁ
ଆସଇ ଦୁତିଆ ଭାର।
ଅତି ନିଷ୍ଠା କାଷ୍ଠା ଭିତରେ ସବୁଠି
ଏ ଓଷା ପାଳିତ ହୁଏ
ଗୋପନରେ ଥିବା କଳୁଷ ବିଷକୁ
ଦୁତିଆ ଓଷାଟି ଧୁଏ।
ନିର୍ଜଳା ଉପାସ କରନ୍ତି ସଭିଏ
ଓଷାର ନିୟମ ମାନି
ନୋହିଲେ ଓଷା ଯେ ହେବ ଅକାରଣ
ଘଟିବ ନିଶ୍ଚୟ ହାନି।
ବନ୍ଧ୍ୟା ନାରୀମାନେ ଏହି ଓଷା କରି
ହୋଇଥାନ୍ତି ଗର୍ଭବତୀ
ଦୃତିବାହନଙ୍କ ଶୁଭାଶିଷ ଲଭି
ସାଜିଥାନ୍ତି ଭାଗ୍ୟବତୀ।

– ଜୟନ୍ତ କୁମାର ମଲ୍ଲିକ୍
ମୋ: ୯୪୩୭୮୬୫୬୨୭

## ଶିଳ୍ପୀ ବିଶ୍ୱକର୍ମା



ଶିଳ୍ପୀମାନଙ୍କର କୁଳ ଦେବତା ସେ
ସକଳ ଶିଳ୍ପର ସ୍ରଷ୍ଟା
ଦୁନିଆ ଆଖିରେ ଅଟନ୍ତି ତ ସିଏ
ନବ ନିର୍ମାଣର ଦ୍ରଷ୍ଟା।
ତିନି ହାତେ ତାଙ୍କ ବଟାଳି ମାର୍ତ୍ତୁଲି
ଚକ୍ର ଆଦି ଶୋଭାପାଏ
ଡାହାଣ ହାତଟି ଜଗତ ଜନଙ୍କୁ
ଆଶିଷ ପ୍ରଦାନୀ ଥାଏ।
ସର୍ବ ଶିଳ୍ପକଳା ତାଙ୍କ ପାଶେ ଠୁଳ
କେ ନୁହେଁ ତ ତାଙ୍କ ସରି
ସରଗଧାମର ଅମରାବତି ଯେ
ତାଙ୍କ ଶ୍ରେଷ୍ଠ କାରିଗରୀ।
ଗଜ ବାହନରେ କରନ୍ତି ଗମନ
ହୋଇ ସେତ ସଜବାଜ
ତାଙ୍କ ଦରଶନେ ସନ୍ତୋଷ ପ୍ରକାଶ
କରିଥାନ୍ତି ଦେବରାଜ।
ତାଙ୍କୁ ଭକତିରେ ପୂଜିବା ସଭିଏ
ଦେଇ ଧୂପ ଦୀପ ଭୋଗ
ଜୀବନରେ ଆମ ପଡ଼ିବ ନିଶ୍ଚୟ
ପବିତ୍ର ମାହେନ୍ଦ୍ରଯୋଗ।

–ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ
କଣ୍ଟାବଣିଆ, ପ୍ରୀତିପୁର, ଯାଜପୁର

## ଶୋଭାରେ ଅଧୀର ମରତ

ପାବ ଥାପିଲାଣି ଶରତ
ନିରିମଳ କରି ପାହାଡ଼, ପାଦପ
ବନ ଉପବନେ ବିଚରେ ମଧୁପ
ଶୋଭାରେ ଅଧୀର ମରତ।
ଗଙ୍ଗଶିଉଳି ତ ଶେଫାଳି
ସହିପାରେ ନାହିଁ ସୁନାର ଖରାକୁ
ମହକରେ ଶୋହେ ଭୋରୁଅ ଧରାକୁ
ଢାଳି ଦେଇ ଆଶା-ଦୀପାଳି।
ହାତ ଠାରେ କୁଆଁରୀ କାଶ
ମରୁତରେ ଢଳି ଚଅଁର ଝୁଲାଏ
କବିର ଉଦାସ ପଣକୁ ଭୁଲାଏ
ଶିରେ ଢାଙ୍କି ସଫେଦ ବାସ।
ସରସୀରେ ନାଚେ ପଦୁଅଁ
ସାଥେ ନେଇ ଧଳା, ପାଟ ନୀଳ କଇଁ
ଶିଖାନ୍ତି ଆମକୁ ଯିବାନାହିଁ ନଇଁ
ପଡ଼ିଲେ କଷଣ-କାଦୁଅ।
ଆସିବେ ମା' ଦଶଭୁଜା
ଆତୁର ମାନବେ ଆଶିଷ ବିତରି
କରୁଣାରେ ଯାଉ ଅନ୍ତର ବତୁରି
କରି ତାଙ୍କ ଚରଣ ପୂଜା।

– ପ୍ରଫୁଲ୍ଲ ଚନ୍ଦ୍ର ବାରିକ
ପାନପୋଷ, ରାଉରକେଲା-୪
ମୋ: ୯୦୯୦୩୩୦୮୫୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ନବଜାତକଙ୍କୁ ନୂଆଜୀବନ




ନବଜାତ ଶିଶୁଙ୍କୁ ମା' କ୍ଷୀର ଯୋଗାଇ ଦେବା ପାଇଁ ଏବେ ବିଭିନ୍ନ ସ୍ଥାନରେ ରହିଛି ମିଲ୍କ ବ୍ୟାଙ୍କ। ଏହି ବ୍ୟାଙ୍କ ମାଧ୍ୟମରେ ବହୁ ମହିଳା ସ୍ୱେଚ୍ଛାକୃତଭାବେ ମା' କ୍ଷୀର ଦାନ କରିଥାନ୍ତି। ସେଭଳି ଜଣେ ମହିଳା ହେଉଛନ୍ତି ଆମେରିକା ଟେକ୍ସାସ ସହରର ଅଲ୍‌ସେ ଓଗ୍ଲିଟ୍ରି। ମା'କ୍ଷୀର ପାଉ ନ ଥିବା ଶିଶୁଙ୍କୁ ସେ ସ୍ୱେଚ୍ଛାରେ କ୍ଷୀର ଦାନ କରି ଆସୁଛନ୍ତି। ଏହି ମାଧ୍ୟମରେ ସେ ହଜାର ହଜାର ଶିଶୁଙ୍କୁ ସାହାଯ୍ୟ କରିପାରୁଥିବାରୁ ବେଶ୍ ଖୁସି ହୋଇଥାନ୍ତି। ଏବେ ସୁଦ୍ଧା ସେ ୧,୫୮.୭୯ ଲିଟରରୁ ଅଧିକ କ୍ଷୀର ଦାନ କରି ସାରିଲେଣି। ତେବେ ତାଙ୍କର ଏହି କାମ ତାଙ୍କୁ ବିଶ୍ୱସ୍ତରରେ ପରିଚୟ ପ୍ରଦାନ କରିଛି। ବିଶ୍ୱରେ ସର୍ବାଧିକ ପରିମାଣର ମା' କ୍ଷୀର ଦାନ କରିଥିବାରୁ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି। ଏହା ପୂର୍ବରୁ ମଧ୍ୟ ସେ ନିଜ ରେକର୍ଡକୁ ନିଜେ ଭାଙ୍ଗିଥିଲେ। ତେବେ ଭିନ୍ନ କଥା ହେଉଛି କି ଅଲ୍‌ସେ ପିଲାମାନଙ୍କୁ ସାହାଯ୍ୟ କରିବାକୁ ଏକ ମହତ କାମ ମନେକରନ୍ତି। ସେଥିପାଇଁ ବୈଜ୍ଞାନିକ ପଦ୍ଧତିରେ କ୍ଷୀର ସଂଗ୍ରହ କରି ମିଲ୍କ ବ୍ୟାଙ୍କରେ ପହଞ୍ଚାଇଥାନ୍ତି। କିନ୍ତୁ ଏହି ମାଧ୍ୟମରେ କୌଣସି ଅର୍ଥ ରୋଜଗାର କରିବା ତାଙ୍କର ଆଦୌ ଉଦ୍ଦେଶ୍ୟ ନୁହେଁ। ତାଙ୍କର ଏଭଳି ଏକ ମହତପଣିଆ ପାଇଁ ଏବେ ସୁଦ୍ଧା ୩୫୦,୦୦୦ରୁ ଅଧିକ ନବଜାତ ଶିଶୁ ଉପକୃତ ହୋଇ ସାରିଲେଣି।

# ଏଥର ର ?




- ବିଶ୍ୱ ଭାରୋତ୍ତୋଳନରେ କିଏ ସର୍ବକନିଷ୍ଠ ବକ୍ସିଂ ଚାମ୍ପିୟନ ?
- କେଉଁ ଖେଳକୁ 'ଦି ସ୍ପୋର୍ଟ୍ସ ଅଫ୍ କିଙ୍ଗ୍' ବା ରାଜାଙ୍କ ଖେଳ ବୋଲି କୁହାଯାଏ ?
- ତୀରନ୍ଦାଜୀରେ ଟାର୍ଗେଟ୍ ଥିବା ଲକ୍ଷ୍ୟସ୍ଥଳର କେନ୍ଦ୍ରବିନ୍ଦୁର ରଙ୍ଗ କିପରି ?
- କେଉଁ ଦେଶ ପ୍ରଥମେ ରଗ୍‌ବୀ ୱାର୍ଲ୍ଡ କପ୍ ବିଜେତା ହୋଇପାରିଥିଲା ?
- 'ପ୍ରାଇଡ୍ ଆଣ୍ଡ ପ୍ରିଜୁଡାଇସ୍' କିଏ ଲେଖିଛନ୍ତି ?

## ଗତଥର ର

- ରେଟିନା
- ମେଲାନିନ୍
- ମସ୍ତିଷ୍କ
- ଜାପାନ
- ୟୁରୋପ

## କହିଲ ଦେଖି

କହିଲ ଅଜା
ଅଷ୍ଟମୀରେ କିଏ ପାଆନ୍ତି ପୂଜା ?
ଆଶ୍ୱିନ ମାସ,
ମହିଳା ପାଳନ୍ତି ରହି ଉପାସ।
ଚଉରା ମୂଳେ,
ଅପୁତ୍ରିକ ନାରୀ ନିଷ୍ଠାରେ ପାଳେ।
ତା' ପର ଦିନ,
ଘାଣ୍ଟ ତରକାରିରେ ସଭିଙ୍କ ମନ।



ଉତ୍ତର – ଦ୍ୱିତୀ ବାହନ ବା ଦ୍ୱିତୀୟା ଓଷା

କହିଲ ନିଧି,
କନ୍ୟା ସଂକ୍ରାନ୍ତିରେ ଏ ପୂଜା ବିଧି
ପୂଜା କରି ଲୋକେ ପାଆନ୍ତି ସିଦ୍ଧି।
ଦେବ ଶିଳ୍ପୀ କାରଖାନାରେ ଉଭା,
ସାଜ ସଜ୍ଜା ଆହା କି' ମନଲୋଭା !
ପ୍ରଭୁଙ୍କ ବାହନ ଧବଳ ହଂସ,
କହି ଦିଅ ଏଇ ପୂଜାଟି କିସ ?



ଉତ୍ତର– ବିଶ୍ୱକର୍ମା ପୂଜା

ସରସ୍ୱତୀ, ଦେବ ଶିଳ୍ପୀଙ୍କ ପାଖେ,
ବାହନ ହୋଇକି ନିକଟେ ବସେ।
ଶ୍ୱେତ, ଚିକ୍କଣିଆ ଶରୀର ମୋର,
ଶୋଷି ନେଇଥାଏ ଜଳରୁ କ୍ଷୀର।
କିଏ ମୁଁ କୁହ,
ଦେଉ ଥାଅ ମୋତେ ଶରଧା ସ୍ନେହ।



ଉତ୍ତର – ହଂସ

ବିଶ୍ୱ ସ୍ରଷ୍ଟା ଶିଳ୍ପୀ କୁଳ ଦେବତା,
ସାରା ସୃଷ୍ଟିର ସେ ରଚନ କର୍ତ୍ତା।
ବ୍ରହ୍ମାଙ୍କ ନାଭିରୁ ହୋଇଲେ ଜାତ,
ତାଙ୍କ ପୂଜା ଆସ କରିବା ମିତ।
ଅମରାବତୀ ସେ ନିର୍ମାଣ କଲେ,
ଦେବତା ମାନଙ୍କୁ କ'ଣ ଦେଲେ ?



ଉତ୍ତର – ଶସ୍ତ୍ର ଓ ବିମାନ

– କବିଜ୍ୟୋତି ନିରଞ୍ଜନ ପତି
ପ୍ରଗତି ନଗର, ଅନୁଗୋଳ
ମୋ: ୯୯୩୮ ୧୩୩୫୫୯



"ଏକ ମହୁଫେଣାରେ ଗୋଟିଏ ରାଣୀ ମହୁମାଛି ଓ ୨୦,୦୦୦ରୁ ୪୦,୦୦୦ ଶ୍ରମିକ ମହୁମାଛି ରହିଥାଆନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ହେବ, ଗୋଟିଏ ମହୁମାଛି ଫେଣାରୁ ୧୫ରୁ ୨୦ କି.ଗ୍ରା. ମହୁ ସଂଗ୍ରହ କରାଯାଇଥାଏ। ସେମାନେ ମହୁଫେଣା ଭିତରେ ନିଜେ ରହିବା ସହ ମହୁ ସାଇତି ରଖିଥା'ନ୍ତି। ଶ୍ରମିକ ମହୁମାଛି ତା' ପାକସ୍ଥଳୀର ଗ୍ରନ୍ଥିରୁ ଲାଳ ବାହାରକରି, ନିଜ ଶରୀରର ତାପମାତ୍ରାରେ ତାକୁ ଗରମକରି ୬ କୋଣିଆ ଛୋଟ ଛୋଟ କୋଠରି ଭଳି କରିଥାଏ।"

# ଜୀବଜଗତର ବିସ୍ମୟକର ଇଞ୍ଜିନିୟର

ଦିନେ ମହେଶ ସାର୍ ସପ୍ତମ ଶ୍ରେଣୀରେ ପରିବେଶ ବିଜ୍ଞାନ ପାଠ ପଢ଼ାଉଥାଆନ୍ତି। ସାର୍ ପଚାରିଲେ, ପିଲାମାନେ! ପକ୍ଷୀମାନେ ଗଛରେ କିପରି ରୁହନ୍ତି? ଅଂଶୁମାନ୍ କହିଲା– ସାର୍, ସେମାନେ ବସା ବାନ୍ଧି ସେଥିରେ ରୁହନ୍ତି। ଏତିକିବେଳେ ବାହାରୁ ବିଜୟ ଓ ସୁବାସ ଆସି କ୍ଲାସ୍‌ରୁମ୍ ପାଖରେ ଠିଆହୋଇ ଭିତରକୁ ଯିବା ପାଇଁ ଅନୁମତି ମାଗିଲେ। ସାର୍ ପଚାରିଲେ, ତୁମର ଏତେ ଡେରି କାହିଁକି ହେଲା? ବିଜୟ କହିଲା– ସାର୍! ଆସିଲାବେଳେ ମହୁମାଛି ଆମକୁ କାମୁଡ଼ିଦେଲା। ତେଣୁ ଡେରି ହେଲା। ସାର୍‌ଙ୍କ ଅନୁମତି ନେଇ ଦୁହେଁ ଭିତରକୁ ଗଲେ। ସୁବାସ ପଚାରିଲା– ସାର୍! ମହୁମାଛି କିପରି ଗଛରେ ବସା ବାନ୍ଧିଥାଏ? ସାର୍ କହିଲେ, ସମସ୍ତେ ମନଦେଇ ଶୁଣ। ପକ୍ଷୀମାନେ କିପରି ଗଛରେ ବସା ବାନ୍ଧନ୍ତି ଏବଂ ଜନ୍ଦା, ପିମ୍ପୁଡ଼ି, ଉଇ ବି କିପରି ମାଟିରେ ଘର କରି ରହନ୍ତି, ଯାହାଙ୍କର କାମ କୌଣସି ଇଞ୍ଜିନିୟରଠାରୁ କମ୍ ନୁହେଁ, ସେମାନଙ୍କ ସମ୍ପର୍କରେ ଜାଣିବା।

ଗୁଣୁଗୁଣୁ ଶବ୍ଦକରି ଫୁଲରୁ ଫୁଲକୁ ଉଡ଼ି ବୁଲୁଥିବା ମହୁମାଛିକୁ ଦେଖିଥିବ। ସେମାନେ ଫୁଲରୁ ମହୁ ସଂଗ୍ରହ କରି ମହୁଫେଣାରେ ସାଇତିରଖନ୍ତି। ସେମାନେ ନିଜ ପାଟିରୁ ଅଠାଳିଆ ଲାଳ ବାହାରକରି ମହୁଫେଣା ତିଆରି କରିଥାଆନ୍ତି। ମହୁଫେଣା ବିଶେଷକରି ଗଛଡାଳରେ କିମ୍ବା ଘରର ଛାତ ତଳେ ଝୁଲି ରହିଥାଏ, ତାହା ତଳକୁ ଖସି ପଡ଼ି ନ ଥାଏ। ଗୋଟିଏ ମହୁଫେଣାରେ ଗୋଟିଏ ରାଣୀ ମହୁମାଛି ଓ ୨୦,୦୦୦ରୁ ୪୦,୦୦୦ ଶ୍ରମିକ ମହୁମାଛି ରହିଥାଆନ୍ତି। ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ, ଗୋଟିଏ ମହୁମାଛି ଫେଣାରୁ ୧୫ରୁ ୨୦ କି.ଗ୍ରା. ମହୁ ସଂଗ୍ରହ କରାଯାଇଥାଏ। ସେମାନେ ମହୁଫେଣା ଭିତରେ ନିଜେ ରହିବା ସହ ମହୁ ସାଇତି ରଖିଥାନ୍ତି। ଶ୍ରମିକ ମହୁମାଛି ତା' ପାକସ୍ଥଳୀର ଗ୍ରନ୍ଥିରୁ ଲାଳ ବାହାରକରି ନିଜ ଶରୀରର ତାପମାତ୍ରାରେ ତାକୁ ଗରମକରି ୬ କୋଣିଆ ଛୋଟ ଛୋଟ କୋଠରି ଭଳି କରିଥାଏ। ସେଥିରେ ମହୁକୁ ସାଇତି ରଖିଥାଏ। ରାକେଶ ପଚାରିଲା– ସାର୍! ମହୁରେ କି ପଦାର୍ଥ ରହିଥାଏ? ସାର୍ କହିଲେ– ମହୁରେ ପାଣି ସହ ପ୍ରାୟ ୨୦୦ ପ୍ରକାର ଶର୍କରା ଜାତୀୟ ପଦାର୍ଥ ଥାଏ।

ତୁମେ ଦେଖିଥିବ, ତାଳଗଛ କିମ୍ବା ନଡ଼ିଆ ଗଛର ଡାଳରୁ ଦୋଳି ଭଳି ବସାସବୁ ଝୁଲୁଥାଏ। ତାକୁ ଘରଚଟିଆ ଆକାରର ଛୋଟ ଚଢ଼େଇଟିଏ ତିଆରି କରିଥାଏ। ତା'ର ନାମ ବାଇଚଢ଼େଇ। ସେମାନେ ଘାସ, କୁଟାରେ ଏଡ଼େ ସୁନ୍ଦର ଘର ତିଆରି କରନ୍ତି ଯେ ତାକୁ ଦେଖିଲେ ଆଶ୍ଚର୍ଯ୍ୟ ନ ହୋଇ ରହିପାରିବ ନାହିଁ। ଯେତେ ଝଡ଼ବର୍ଷା ହେଲେ ବି ତା'ର କ୍ଷତି ହୁଏ ନାହିଁ। ସେଥିପାଇଁ କଥାରେ ଅଛି– "ବାଇଚଢ଼େଇର କି'ଯାଏ, ବାଆ କଲେ ବସା ଦୋହ୍ଲୁ ଥାଏ।" ସେଭଳି ସନ୍ ବାର୍ଡ ମୁଣି ପରି ସୁନ୍ଦର ବସା କରିଥାଏ। ଦରଜି ପକ୍ଷୀ (କମନ୍ ଟେଲର ବାର୍ଡ) ନିଜ ଥଣ୍ଟକୁ ଛୁଞ୍ଚି ଓ ଲାଳକୁ ସୂତା ଭଳି ବ୍ୟବହାରକରି ଗଛର ପତ୍ରକୁ ଏକାଠିକରି ସିଲେଇ ମେଶିନରେ ବୁଣିଲା ଭଳି ସୁନ୍ଦର ବସା ତିଆରି କରିଥାଏ। ଏସବୁ ପକ୍ଷୀଙ୍କୁ ବୁଣାକାର ପକ୍ଷୀ କୁହାଯାଏ। ସେହିପରି ଚାତକ ପକ୍ଷୀ କାଠି, କୁଟାରେ ସୁନ୍ଦର ମଜଭୁତ ବସା ତିଆରି କରିଥାଏ। ବୁଢ଼ିଆଣୀ ତା' ପାଟିର ଲାଳକୁ ବ୍ୟବହାରକରି ସୁନ୍ଦର ଜାଲ ବୁଣିଥାଏ।

ପିଲାମାନେ! ତୁମେ ମଧ୍ୟ ଉଇହୁଙ୍କା ଦେଖିଥିବ। ଉଇକୁ ଇଂରାଜୀରେ 'ହ୍ୱାଇଟ୍ ଆଣ୍ଟ' କୁହାଯାଏ। ଉଇମାନେ ମିଳିମିଶି ମାଟି ସାହାଯ୍ୟରେ ଏମିତି ନିଖୁଣ ଭାବେ ବସା(ହୁଙ୍କା) ତିଆରି କରିଥାଆନ୍ତି ଯେ, ବର୍ଷା ହେଲେ ତା' ଭିତରକୁ ପାଣି ସହଜରେ ପଶିପାରେ ନାହିଁ। କିନ୍ତୁ ବାୟୁ ଓ ଆଲୁଅ ଯିବାପାଇଁ ଛୋଟ ଛୋଟ କଣାସବୁ ଥାଏ। ସେମାନେ ସେଥିରେ ଆରାମରେ ରହନ୍ତି। ପିମ୍ପୁଡ଼ି ଓ ଉଇ ଅଳିଆ ଓ ବାଲି ସାହାଯ୍ୟରେ ଏପରି ଘର ତିଆରି କରିଥାଆନ୍ତି ଯେ, ସେଥିରେ ଅସଂଖ୍ୟ କୋଠରି ଥାଏ। ତା' ମଧ୍ୟରେ ସୁଡ଼ଙ୍ଗ ପଥ ଥାଏ। ଆମେ ରହିବା ଘରେ ଯେପରି ୩/୪ଟି କୋଠରି ଭିନ୍ନ ଭିନ୍ନ କାମ ପାଇଁ ବ୍ୟବହାର ହୋଇଥାଏ, ସେହିପରି ପିମ୍ପୁଡ଼ିମାନେ ମାଟି ଭିତରେ ଛୁଆ ବଡ଼ ହେବା ପାଇଁ, ଖାଦ୍ୟ ସଞ୍ଚୟ ପାଇଁ, ବିଶ୍ରାମ ପାଇଁ ଭିନ୍ନ ଭିନ୍ନ କୋଠରି ତିଆରି କରିଥାଆନ୍ତି।



ଶୀତଦିନେ ଥଣ୍ଡାରୁ ରକ୍ଷା ପାାଇବା ପାଇଁ ପିମ୍ପୁଡ଼ି ଓ ଉଇ ବସା ଭିତରେ ସ୍ୱତନ୍ତ୍ର ବ୍ୟବସ୍ଥା ଥାଏ। ନାଲି ଜନ୍ଦା ବା କାଇ ଯାହା ବିଶେଷତଃ ଆମ୍ବଗଛରେ ରହିଥାଏ ସେ ମଧ୍ୟ ପାଟିରୁ ଲାଳ ବାହାରକରି ଗଛର ପତ୍ରକୁ ସିଲେଇ କରି ବସା ତିଆରି କରିଥାଏ। ସେହିପରି କାଦୁଅ ମାଟିରେ ଭଅଁର ଘର କାନ୍ଥରେ ସୁନ୍ଦର ମଜଭୁତ ଘର ତିଆରି କରିଥାଏ। ସେହିପରି ଗରିଲା, ସିମ୍ପାଞ୍ଜି ଆଦି ପ୍ରାଣୀ ଗଛଡାଳକୁ ଉଡ଼ିଆସି ଅଣ୍ଡା ଆକୃତିର ବସା କରି ସେଥିରେ ରହିଥାଆନ୍ତି। ଗଛର ପତ୍ରକୁ ଗଦାକରି ତକିଆ ଭଳି କରି ସେଥିରେ ମୁଣ୍ଡ ରଖି ଶୁଅନ୍ତି। ଏତିକିବେଳେ ଅଂଶୁମାନ୍ ପଚାରିଲା– ସାର୍, ସାପମାନେ କ'ଣ ବସା ତିଆରି କରନ୍ତି କି? ସାର୍ କହିଲେ– ସ୍ଥଳଭାଗରେ ରହିଥିବା ସାପମାନେ ଭୂମିର ଗାତରେ ରହନ୍ତି, କିନ୍ତୁ ସାପମାନଙ୍କ ଭିତରେ ସବୁଠାରୁ ବିଷାକ୍ତ ସାପ ଅହିରାଜ (କିଙ୍ଗ୍ କୋବ୍ରା) ନାଁ ଶୁଣିଥିବ, ସେ ଶୁଖିଲା ପତ୍ରକୁ ଏକାଠିକରି ଅଣ୍ଡା ଦେବା ପାଇଁ ବସା ତିଆରି କରିଥାଏ। ଏତିକିବେଳେ ପିରିଅଡ୍ ଘଣ୍ଟା ବାଜିଲା।


ସାର୍ କହିଲେ– ଏଭଳି ଅନେକ ଜୀବଜନ୍ତୁ ଅଛନ୍ତି, ସେମାନେ ଅତି ନିଖୁଣ ଭାବେ ବସା ତିଆରି କରିଥାଆନ୍ତି। ଯେକୌଣସି ଇଞ୍ଜିନିୟରମାନେ ମଧ୍ୟ ତାଙ୍କର ସମକକ୍ଷ ହୋଇପାରିବେ ନାହିଁ। ବିନା ତାଲିମରେ ସେମାନେ ଅଦ୍ଭୁତ କାମ କରିଥାଆନ୍ତି। ତୁମେମାନେ ଜୀବଜନ୍ତୁଙ୍କ ବିଷୟରେ ଅନେକ ବହି ଅଛି, ତାକୁ ପଢ଼ିଲେ ଅନେକ ନୂଆ ନୂଆ ବିଷୟ ଜାଣିପାରିବ।

– **ବିନୋଦ ଚନ୍ଦ୍ର ଜେନା,**
ପାରଳାଖେମୁଣ୍ଡି, ଗଜପତି
ମୋ : ୭୭୩୫୨୨୨୭୧୩




# ଦାମୀ ପାମ୍

**ପା**ମ୍ ସ୍ୱାସ୍ଥ୍ୟ ଲାଗି ବେଶ୍ ଉପକାରୀ। କିନ୍ତୁ ପିଲାମାନେ, ଜାଣିଛ କି ବିଶ୍ୱରେ ଏପରି ପାମ୍ ଅଛି, ଯାହାର ଦାମ୍ ଲକ୍ଷାଧିକ ଟଙ୍କା ହେବ। ଏହାର ଆକାର ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବେ। ହିନ୍ଦ୍ ମହାସାଗରରେ ଅବସ୍ଥିତ ସେସେଲ୍ସ ଦ୍ୱୀପରେ ହେଉଥିବା ଏହି ପାମ୍ ଗଛରେ ବହୁ ବଡ଼ ଆକାରର ପାମ୍ ଫଳିଥାଏ; ଯାହାର ଓଜନ ପାଖାପାଖି ୨୫ କି.ଗ୍ରା. ହେବ। ବେଳେବେଳେ ଏହା ୪୦ କି.ଗ୍ରା.ରୁ ଅଧିକ ବି ହୋଇଯାଏ। ଏହାର ଲମ୍ବ ଅଧା ମିଟରରୁ ବି ଅଧିକ ହେବ। ଏହି ପାମ୍ କୋକୋ ଡେ ମେ' ନାମରେ ବେଶ୍ ପରିଚିତ। ଏହାର ଦାମ୍ ୫୦ହଜାରରୁ ଆରମ୍ଭ କରି ୨ ଲକ୍ଷ ପର୍ଯ୍ୟନ୍ତ ମଧ୍ୟ ହୋଇଥାଏ। ପାମ୍‌ର ଆକାରକୁ ଦେଖି ତା'ର ଦାମ୍ ନିର୍ଦ୍ଧାରଣ କରାଯାଏ। ଏହାର ଦାମ୍ ଏତେ ହେବାର କାରଣ, ଏହା କେବଳ ସେସେଲ୍ସର କିଛି ଦ୍ୱୀପରେ ଫଳିଥାଏ। ବିଶାଳକାୟ ପାମ୍ ସେସେଲ୍ସର ରାଷ୍ଟ୍ରୀୟ ପ୍ରତୀକ। ସେଠାରେ ଏହି ପାମ୍ ଗଛର ସଂଖ୍ୟା ମାତ୍ର ୮,୦୦୦। ଏହାର ରକ୍ଷଣାବେକ୍ଷଣ ଲାଗି ଏଠାକାର ସରକାର କଡ଼ା ନିୟମ ପ୍ରଣୟନ କରୁଛନ୍ତି।



# ଆ ଇ ନା



ଅଭ୍ୟାନ୍ ବେହେରା

୩ ବର୍ଷ/ଅଷ୍ଟ୍ରେଲିଆ




ଜୟେଶ ତ୍ରିପାଠୀ

୭ ବର୍ଷ/ ଅନୁଗୋଳ